# NATIONAL NEWS BULLETIN (ODIA)

**17 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ଲାଗି ଖୁବ୍‌ଶୀଘ୍ର ଉଚ୍ଚସ୍ତରୀୟ କମିଟି ଗଠନ କରିବେ ସରକାର

- ବିହାରର ଅଶୋକଧାମ ମନ୍ଦିରରେ ଦଳାଚକଟାରେ ୭ଜଣ  ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ; ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

- ଓଡ଼ିଶା ସମେତ ଗାଙ୍ଗେୟ ପଶ୍ଚିମବଙ୍ଗର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ସତର୍କ ସୂଚନା

– ଓଡ଼ିଶାରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ହକି ବିଶ୍ୱକପ୍‌ରେ ଆଜି ଭାରତ-ଇଂଲଣ୍ଡ ପୁରୁଷ ଦଳ ମଧ୍ୟରେ ଖେଳାଯିବ ମ୍ୟାଚ୍

## ସୀତାରମଣ ବ୍ୟାଙ୍କିଙ୍ଗ୍

ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଲାଗି ସରକାର ଖୁବ୍‌ଶୀଘ୍ର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକର ୨ ଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବା

ଅବସରରେ    କହିଛନ୍ତି, ଉଚ୍ଚସ୍ତରୀୟ କମିଟି ବ୍ୟାଙ୍କିଙ୍ଗ୍ ସଂସ୍ଥା ସମ୍ବନ୍ଧରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ରିପୋର୍ଟ ପ୍ରଦାନ କରିବ । ଆଜିଠାରୁ ଆରମ୍ଭ ହୋଇଥିବା ୨ ଦିନିଆ ସମ୍ମିଳନୀରେ ହେବାକୁ ଥିବା ଆଲୋଚନାରୁ ବ୍ୟାଙ୍କଗୁଡ଼ିକର ଭବିଷ୍ୟତର ଭୂମିକା ନେଇ ରୂପରେଖ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ଭାରତୀୟ ବ୍ୟାଙ୍କଗୁଡ଼ିକର ମୂଳଦୁଆ ସୁଦୃଢ଼ ରହିଥିବା ଏବଂ ଆଗାମୀ ଦିନରେ ଆହୁରି ସୁଦୃଢ଼ୀକରଣ ଦିଗରେ ସଂସ୍କାର ଆଣିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଉଚ୍ଚସ୍ତରୀୟ କମିଟି ରିପୋର୍ଟ ଦେବା ପରେ ସରକାର ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ଗତି ପ୍ରଦାନ କରିବ । ଅର୍ଥମନ୍ତ୍ରୀ କହିଛନ୍ତି, ଭାରତ  ପାଇଁ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ ନିମନ୍ତେ ୨୦ ବର୍ଷରୁ କମ୍ ସମୟ ଥିବା ବେଳେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ଅଶୋକଧାମ ଷ୍ଟାମ୍ପେଡ୍

ବିହାରର ଲଖିସରାଇ ଜିଲ୍ଲାସ୍ଥିତ ଅଶୋକଧାମ ମନ୍ଦିରରେ ଦଳାଚକଟା ଘଟି ୭ ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ଶ୍ରାବଣମାସ ଆଜି ସୋମବାରରେ ମନ୍ଦିରରେ ଭିଡ଼ ହୋଇଥିଲା । ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଜଳାଭିଷେକ ପାଇଁ ଉଦ୍ୟମ କରୁଥିବା ବେଳେ ଦଳାଚକଟା ଘଟିଥିଲା । ପ୍ରାୟ ୧୦ରୁ ଅଧିକ ଶ୍ରଦ୍ଧାଳୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତମାନଙ୍କୁ ପାଟନା ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ, ଆଜି

ସକାଳେ ଅଶୋକଧାମ ଷ୍ଟେସନରୁ ମନ୍ଦିରକୁ ଯାଇଥିବା ରାସ୍ତାରେ ଦଳାଚକଟା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବା ଫଳରେ କରେଣ୍ଟ ପ୍ରବାହିତ ହେଉଥିବା ଗୁଜବ ଯୋଗୁଁ ଶ୍ରଦ୍ଧାଳୁମାନେ ଏଣେ ତେଣେ ଦୌଡ଼ିବା ଆରମ୍ଭ କରିବାରୁ ଏଭଳି ଘଟିଥିଲା । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଉନ୍ନତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିହାର ଦଳାଚକଟା ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଡବ୍ଲୁବି-ଫାୟାର

ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲା ଅନ୍ତର୍ଗତ ତାରାପୀଠ ଥାନା ନିକଟବର୍ତ୍ତୀ ଏକ ହୋଟେଲରେ ଆଜି ସକାଳେ ଅଗ୍ନିକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାରେ ଅନ୍ୟ କେତେଜଣ ଅସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି । ପ୍ରାରମ୍ଭିକ ଆକଳନ ଅନୁଯାୟୀ, ସଂପୃକ୍ତ ହୋଟେଲର ଅଭ୍ୟର୍ଥନା ଦ୍ୱାର ନିକଟରେ ଅଗ୍ନିକାଣ୍ଡ ଘଟିବା ପରେ ୪ ମହଲାକୁ ବ୍ୟାପିଯାଇଥିଲା । ଅଗ୍ନିକାଣ୍ଡ ସମୟରେ ହୋଟେଲରେ ଥିବା ଲୋକମାନେ ଶୋଇଥିଲେ । ଶ୍ରାବଣମାସର ଶେଷ ସୋମବାର ଲାଗି ହୋଟେଲରେ ତୀର୍ଥଯାତ୍ରୀଙ୍କ ଭିଡ଼ ରହିଥିଲା । ହୋଟେଲ ମାଲିକଙ୍କ କହିବା ଅନୁଯାୟୀ ସର୍ଟସର୍କିଟ୍ ହୋଗୁଁ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ପୋଲିସ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଭିପି-ତାମିଲନାଡୁ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବଂ ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟା ଯୁଗରେ ସ୍ନାତକ ଡିଗ୍ରୀ ଶିକ୍ଷାର ଶେଷ ନୁହେଁ, ବରଂ ଜୀବନରେ ପରିବର୍ତ୍ତନକୁ ଗ୍ରହଣ କରିବା ଲାଗି ମାର୍ଗ ଉନ୍ମୁକ୍ତ କରିଥାଏ । ତାମିଲନାଡୁର ଥିରୁଭର ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରତି ଶ୍ରୀ ରାଧାକ୍ରିଷ୍ଣନ ଭାରତୀୟ ଶିକ୍ଷା ଭିତ୍ତିଭୂମିରେ ଗତ ୨୦୧୪ ମସିହାରୁ ଅଭୂତପୂର୍ବ ପରିବର୍ତ୍ତନ ଆସିଥିବା କହିଛନ୍ତି । ଦେଶରେ ୧୬ଟି ଟ୍ରିପଲ୍ ଆଇଟି, ୮ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଠଟି ଆଇଆଇଏମ୍ ଏବଂ ୧୨ଟି ନୂଆ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ପ୍ରତିଷ୍ଠା

ବିଷୟ ନେଇ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଦେଶରୁ ଦାରିଦ୍ର୍ୟ ଦୂର କରିବା କ୍ଷେତ୍ରରେ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ । ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ଶିକ୍ଷା ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି ।

## ପାଣିପାଗ

ଓଡ଼ିଶା ସମେତ ଗାଙ୍ଗେୟ ପଶ୍ଚିମବଙ୍ଗରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ରେଡ୍ ୱାର୍ଣ୍ଣିଂ ଜାରି କରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଜାମ୍ମୁକାଶ୍ମୀର, ହିମାଚଳପ୍ରଦେଶ, ପୂର୍ବ-ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ସିକିମ୍‌କୁ ସତର୍କ ସୂଚନା ଜାରି କରାଯାଇଛି । ଦେଶର ଅନ୍ୟ ୮ଟି ରାଜ୍ୟରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ବିହାର, କର୍ଣ୍ଣାଟକ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, କରେଇକାଲ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଲଗାଣ ବର୍ଷାର ପ୍ରଭାବରୁ ଓଡ଼ିଶାର କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ୪୯ଟି ବ୍ଲକର ୯୪୭ଟି ଗ୍ରାମର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ୨ଲକ୍ଷ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ଷା ଯୋଗୁଁ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ସମେତ ଅଙ୍ଗନବାଡି କେନ୍ଦ୍ରଗୁଡିକ ବନ୍ଦ ରହିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି କହିଛନ୍ତି, ବନ୍ୟା ସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଜାରି ରହିଛି । ଏହାର ସୁଚାରୁ ପରିଚାଳନା ପାଇଁ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ପ୍ରଭାବିତ ଲୋକଙ୍କ ନିକଟରେ ଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଜେକେ-ସେନ୍‌ସସ୍

ଜାମ୍ମୁ କାଶ୍ମୀରର ବରଫାବୃତ ଅଞ୍ଚଳରେ ଆଜି ମଧ୍ୟରାତ୍ରରୁ ଜନଗଣନା-୨୦୨୭ ଅନ୍ତର୍ଗତ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ସୂଚନା ଅନୁଯାୟୀ ଜାମ୍ମୁକାଶ୍ମୀରର ୧୬ଟି ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜାମ୍ମୁ, ଶ୍ରୀନଗର, ସାମ୍ବା ଏବଂ ରଜୌରୀ ଜିଲ୍ଲାକୁ ବାଦ୍ ଦିଆଯାଇଛି । ଏହି ପ୍ରକ୍ରିୟାରେ ସଂପୃକ୍ତ ଅଞ୍ଚଳର ଜନସାଧାରଣ ୪୦ଟି ପ୍ରଶ୍ନର ଉତ୍ତର ଦେବେ ।

## ଇସିଆଇ ଲଞ୍ଚ୍

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆଜି ବିହାରର ପଟନାରେ ଇଲେକ୍ଟ୍ରୋରାଲ୍ ଲିଟରାସି କ୍ଲବ୍-ଇଏଲ୍‌ସି ଟୁ ପଏଣ୍ଟ୍ ଜିରୋ ର ଶୁଭାରମ୍ଭ କରିବେ । ଏହି କ୍ଲବ୍ ଜରିଆରେ ନାଗରିକମାନେ ଭୋଟ ସଂପର୍କିତ ତଥ୍ୟ ହାସଲ ସହ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବେ ବୋଲି କୁହାଯାଇଛି ।

## ଏସ୍‌ସି-ସିକିମ୍ ଏସଆଇଆର

ସିକିମ୍‌ରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନରେ ନିର୍ବାଚନ କମିଶନ ୨୦୦୨ ବର୍ଷକୁ ମୂଳବର୍ଷ ଭାବେ ବିବେଚନା କରିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏକ  ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆଗତ ଏ ସଂପର୍କିତ ଆବେଦନକୁ ଖାରଜ କରି ଏହା କହିଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୨୦୦୨ ପରିବର୍ତ୍ତେ ୧୯୯୩ ମସିହାକୁ ମୂଳବର୍ଷ ଭାବେ ବିବେଚନା କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ଲାଗି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା ।

## ଇଣ୍ଡିଆ-ଥାଇଲ୍ୟାଣ୍ଡ ଏକ୍ସରସାଇଜ୍

ପଞ୍ଚଦଶ ଭାରତ-ଥାଇଲ୍ୟାଣ୍ଡ୍ ଯୁଗ୍ମ ସାମରିକ ଅଭ୍ୟାସ ପାଇଁ ଆଜି ଭାରତୀୟ ସେନାର ଏକ ଦଳ ଥାଇଲ୍ୟାଣ୍ଡ ଯାତ୍ରା କରିଛି । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ଅଭ୍ୟାସ କାର୍ଯ୍ୟ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା

ଅନୁଯାୟୀ, ଯୁଗ୍ମ ସାମରିକ ଅଭ୍ୟାସ 'ମୈତ୍ରୀ' ମାଧ୍ୟମରେ ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି ପାଇବ । ଥାଇଲ୍ୟାଣ୍ଡ ଯାତ୍ରା କରିଥିବା ଭାରତୀୟ ସେନା ଦଳରେ ୧୭୦ ଜଣ ଯବାନ ସାମିଲ ହୋଇଛନ୍ତି ।

## ଦଲେଲା-ବ୍ରିକ୍ସ ସିଭିଲ୍ ଫୋରମ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ସୁଧାକର ଦଲେଲା କହିଛନ୍ତି, ଭାରତ ଅଧ୍ୟକ୍ଷତାରେ ହେଉଥିବା ବ୍ରିକ୍ସ କାର୍ଯ୍ୟକ୍ରମରେ ଲୋକକୈନ୍ଦ୍ରିକ ସହଯୋଗକୁ ଗୁରୁତ୍ୱ ଦିଆଯାଉଛି । ନୂଆଦିଲ୍ଲୀରେ ଆଜି ବ୍ରିକ୍ସ ସିଭିଲ୍ ଫୋରମ୍ ୨୦୨୬ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ଦଲେଲା କହିଛନ୍ତି, ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସହରରେ ଭାରତ ଅଧ୍ୟକ୍ଷତାରେ ୩୫୦ରୁ ଅଧିକ ବୈଠକ ଅନୁଷ୍ଠିତ ହୋଇଛି । ଏହିସବୁ ବୈଠକରୁ ମିଳିଥିବା ନିଷ୍କର୍ଷ ବ୍ରିକ୍ସ ସମୂହ ଦେଶଗୁଡ଼ିକ ମଧ୍ୟରେ ରାଜନୈତିକ ଏବଂ ସୁରକ୍ଷା ସହଯୋଗ ଓ ଆର୍ଥିକ ସମନ୍ୱୟ ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

## ଏଫ୍.ଆଇ.ଏଚ୍. ହକି

ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍‌ରେ ଆଜି ପୁଲ୍ ଡି'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ନେଦରଲ୍ୟାଣ୍ଡସ୍‌ର ୱାଗେନର ହକି ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଭାରତ ୱେଲ୍‌ସ୍‌କୁ ୩-୧ରେ ପରାସ୍ତ କରି ତା'ର ଅଭିଯାନ ଆରମ୍ଭ

କରିଥିବାବେଳେ ଇଂଲଣ୍ଡ ମଧ୍ୟ ପାକିସ୍ତାନକୁ ୪-୧ରେ ପରାସ୍ତ କରିସାରିଛି । ଆଜିର ମ୍ୟାଚ୍‌ର ବିଜେତା ପୁଲ୍-ଡି'ର ଶ୍ରେଷ୍ଠ ଦଳ ସାବ୍ୟସ୍ତ ହେବ ।

**ବି.ଡବ୍ଲ୍ୟୁ.ଏଫ୍. ବ୍ୟାଡ୍‌ମିଣ୍ଟନ୍**

ବି.ଡବ୍ଲ୍ୟୁ.ଏଫ୍. ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନ୍‌ସିପ୍ ଆଜିଠାରୁ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଭାରତୀୟ ଖେଳାଳିମାନେ ଆଜିଠାରୁ ପ୍ରଦର୍ଶନ ଆରମ୍ଭ କରିବେ । ମହିଳା ଏକକରେ ପୂର୍ବତନ ବିଶ୍ୱ ଚାମ୍ପିୟନ୍ ତଥା ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପି.ଭି. ସିନ୍ଧୁ ଆୟାର୍‌ଲ୍ୟାଣ୍ଡର ସୋଫିଆ ନୋବେଲ୍‌ଙ୍କ ବିପକ୍ଷରେ ଖେଳିବେ । ସେହିପରି ମହିଳା ଡବଲ୍‌ସରେ ପ୍ରଥମ ରାଉଣ୍ଡରେ ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ସ୍ପେନ୍‌ର ପାଉଲା ଲୋପେଜ୍ ଏବଂ ଲୁସିଆ ରୋଡ୍ରିଗେଜ୍‌ଙ୍କ ବିପକ୍ଷରେ ଅବତୀର୍ଣ୍ଣ ହେବେ । ଆଜି ସନ୍ଧ୍ୟାରେ ଭାରତର ଆୟୁଷ୍ ସେଟ୍ଟି ପୁରୁଷ ଏକକ ବର୍ଗରେ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପୁରୁଷ ଡବଲ୍‌ସ ବର୍ଗରେ ମ୍ୟାଚ୍ ଖେଳିବେ ।